## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ଆନ୍ତଃ ବିଦ୍ୟାଳୟ ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟ । ସ୍ଥାନ-ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆ । ସମୟ-ସକାଳ ୭ଟା।
- ରୋଟାରୀ କ୍ଲବ ପକ୍ଷରୁ ଆୱାର୍ଡ ସେରେମନୀ। ସ୍ଥାନ-ପ୍ରେମ ନଗର, ସମୟ-ଅପରାହ୍ନ ୫ଟା।
- ଭିକାରୀ ବଳଙ୍କ ଶ୍ରଦ୍ଧାଞ୍ଜଳି ଉତ୍ସବ। ସ୍ଥାନ-ଉତ୍କଳ ଆଶ୍ରମ ମୁକ୍ତାକାଶ ରଙ୍ଗମଞ୍ଚ, ସମୟ-ସନ୍ଧ୍ୟା ୬ଟା।

**ଦାରିଙ୍ଗବାଡ଼ି**

- କଂଗ୍ରେସର ଦଳୀୟ ବୈଠକ ଏବଂ ଖବରଦାତା ସମ୍ମିଳନୀ। ସ୍ଥାନ-ଡୁଲୁରୀ ପାଇନ ବଣ, ସମୟ-ପୂର୍ବାହ୍ନ ୧୧ଟା।

## ୨୬ ନଂ. ୱାର୍ଡରେ ସ୍ୱାସ୍ଥ୍ୟ ସଚେତନତା

**ବ୍ରହ୍ମପୁର ଅଫିସ,୧୨।୧୧:** କୁଶଳ ସ୍ୱଦେଶ ପ୍ରତିଷ୍ଠା ଗ୍ରୁପ ଅଫ୍ ଇଣ୍ଡିଆ ପକ୍ଷରୁ ଶନିବାର ମହାନଗରର ୨୬ ନଂ. ୱାର୍ଡରେ ସ୍ୱାସ୍ଥ୍ୟ ସଚେତନତା ଓ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରୁପ୍ ସଭାପତି ଡ.ଦେବାଶିଷ ପଣ୍ଡାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱଦେଶ ପ୍ରତିଷ୍ଠାର ଉପସଭାନେତ୍ରୀ ସରିତା ପଣ୍ଡା ସ୍ଥାନୀୟ ବାସିନ୍ଦାଙ୍କୁ ଅନେକ ରୋଗର ପ୍ରାକୃତିକ ଚିକିତ୍ସା, ମାଟିହାଣ୍ଡି ଖାଦ୍ୟ ଓ ମାଟି ମାଠିଆ ପାଣିର ଉପକାରିତା, ଶିଶୁଙ୍କ ବିକାଶ, ଶୃଙ୍ଖଳା, ସଂସ୍କାର ଓ ପରମ୍ପରା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏଥିସହ ଗ୍ରୁପ୍ ପକ୍ଷରୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ ସହରର ଅନ୍ୟ ୱାର୍ଡଗୁଡିକରେ ମଧ୍ୟ ଏଭଳି ସଚେତନାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଗ୍ରୁପ୍ ପକ୍ଷରୁ କୁହାଯାଇଛି।

## ସିଦ୍ଧ ବିନାୟକ ପୀଠରେ ସ୍ୱାସ୍ଥ୍ୟ ଶିବିର

### ରକ୍ତଦାନ ଶିବିରରୁ ୫୦ ୟୁନିଟ ସଂଗ୍ରହ

**ବ୍ରହ୍ମପୁର ଅଫିସ,୧୨।୧୧:** ବ୍ରହ୍ମପୁର ହିଲପାଟଣାସ୍ଥ ସିଦ୍ଧ ବିନାୟକ ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ଶନିବାର ସେବା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମନ୍ଦିର କଲ୍ୟାଣ ମଣ୍ଡପ ପରିସରରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ପୁରୁଷଙ୍କ ରକ୍ତଚାପ, ଦନ୍ତ ସମେତ ବିଭିନ୍ନ ରୋଗର ପରୀକ୍ଷା କରଯାଇ ବିଶେଷଜ୍ଞ ଡ଼ାକ୍ତରଙ୍କ ଦ୍ୱାରା ଚିକିତ୍ସା ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ୫୦ ଜଣଙ୍କ ଠାରୁ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇ ରେଡକ୍ରସ ରକ୍ତ ଭଣ୍ଡାରକୁ ଦିଆଯାଇଥିଲା।

ମହାନଗର ନିଗମର ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା ଏହାକୁ ଉଦ୍‌ଘାଟନ କରିଥିଲେ। ଏନ୍‌ଫୋର୍ସମେଣ୍ଟ ଅଫିସର ତରୁଣକାନ୍ତଙ୍କ ସମେତ ବରିଷ୍ଠ ଆଇନଜୀବୀ ରଘୁନାଥ ପ୍ରସାଦ ପାଣିଗ୍ରାହୀ, ରତ୍ନାକର ସାବତ, ରଜନୀ ବକ୍ସି, ଶ୍ୟାମ ସୁନ୍ଦର ନାୟକ, ଶିଶିର କୁମାର ପାଣିଗ୍ରାହୀ, ବଳରାମ ପଣ୍ଡା ଓ ଅଶୋକ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍‌ର ଯୁବ ପ୍ରଶିକ୍ଷଣ ତାଲିମ ଶିବିର ଉଦ୍‌ଘାଟିତ

**ବ୍ରହ୍ମପୁର ଅଫିସ,୧୨।୧୧:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ ତିନି ଦିନିଆ ଯୁବ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଯୁବ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ନେତୃତ୍ୱ ଦକ୍ଷତା ବୃଦ୍ଧି କରିବା ହେଉଛି ଶିବିରର ମୂଳ ଲକ୍ଷ୍ୟ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିବା ସହ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କୁଳସଚିବ ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ବକ୍ତାଭାବେ ଉପସ୍ଥିତ ଥିଲେ। ପର୍ଯ୍ୟବେକ୍ଷକ ଭାବେ କେନ୍ଦ୍ରୀୟ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧିକାରୀ ନକୁଳନନ୍ଦ ଦେଓରୀ ଓ ଏନଏସଏସ ଜିଲା ଯୋଜନା ଅଧିକାରୀ ସୁଦାମ ଚରଣ ବିଷୋଇ ଉପସ୍ଥିତ ଥିଲେ। ଶିବିରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତୋକୋତ୍ତର ପରିଷଦ ଓ ଏହା ସହ ଅନୁବନ୍ଧିତ ୧୫ ମହାବିଦ୍ୟାଳୟର ୧୪୦ ସ୍ୱେଚ୍ଛାସେବୀ ଯୋଗଦେଇଛନ୍ତି। ଅତିଥି ଓ ଏନ୍‌ଏସ୍‌ଏସ୍ ଅଧିକାରୀମାନେ ସ୍ୱେଚ୍ଛାସେବୀଙ୍କୁ ନୂତନ ଜ୍ଞାନ କୌଶଳ ବ୍ୟବହାରରେ ମାନବ ସମାଜର ହିତ ସାଧନ, ମାନବିକ ମୂଲ୍ୟବୋଧ ଓ ଉତ୍ତମ ଚରିତ୍ର ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଜୟନ୍ତ କୁମାର ପଣ୍ଡା ସଂଯୋଜନା କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଶକ୍ତିରଞ୍ଜନ ଦାଶ, ଡ଼.ଇକବାଲ ଅହମ୍ମଦ ଭଟ୍ଟ ଓ ଅଲିତା ମିଞ୍ଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏମ୍‌କେସିଜିରେ ମାଗଣାରେ ଏମ୍‌ଆର୍‌ଆଇ ପରୀକ୍ଷା

### ନିଦାନ ସହିତ ଏମ୍‌କେସିଜିର ଚୁକ୍ତି

ବ୍ରହ୍ମପୁର ଅଫିସ,୧୨।୧୧

ବ୍ରହ୍ମପୁର ବଡ ମେଡିକାଲରେ ହିନ୍ଦୁସ୍ତାନ ଲାଟେକ୍ସ ଲିମିଟେଡ୍(ଏଚ୍‌ଏଲ୍‌ଏଲ୍) ନାମକ ଏକ ସଂସ୍ଥା ସହିତ ପିପିପି ମୋଡ୍‌ରେ ଏମ୍‌ଆରଆଇ ପରୀକ୍ଷା ଜାରି ରହିଥିଲା। ଚୁକ୍ତି ଅବଧି ସରିବା ପରେ ସମ୍ପୃକ୍ତ ସଂସ୍ଥା ପୁନଃ କାମ କରିବାକୁ ଅନିଚ୍ଛା ପ୍ରକାଶ କରିଥିଲା। ଏ ନେଇ ଏମ୍‌କେସିଜି କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ଅବଗତ କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ନିଦାନରେ ଏଣିକି ରୋଗୀଙ୍କ ଏମ୍‌ଆର୍‌ଆଇ ପରୀକ୍ଷା ମାଗଣାରେ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ରୋଗୀଙ୍କୁ ମାଗଣାରେ ଏମ୍‌ଆର୍‌ଆଇ ସ୍କାନ୍ ସୁବିଧା କରିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଏମ୍‌କେସିଜି ମେଡିକାଲ ସହିତ ନିଦାନ ଡାଇଗ୍ନୋଷ୍ଟିକ୍ ଆଣ୍ଡ୍ ରିସର୍ଚ୍ଚ ସେଣ୍ଟରର ଚୁକ୍ତି ହୋଇଛି। ଏମ୍‌କେସିଜିରୁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଏମ୍‌ଆର୍‌ଆଇ ସ୍କାନ୍ ପାଇଁ ରୋଗୀଙ୍କୁ ନିଦାନକୁ ପଠାଯିବ। ସେଠାରେ ସରକାରୀ ଯୋଜନା ଅନୁସାରେ ସମ୍ପୂର୍ଣ୍ଣ ମାଗଣାରେ ଏମ୍‌ଆର୍‌ଆଇ ସ୍କାନ୍ କରାଯିବ ବୋଲି ବଡ ମେଡିକାଲ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଅବନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି।

ଏମ୍‌କେସିଜି ମେଡିକାଲରେ ସରକାରୀ ଯୋଜନାରେ ମାଗଣାରେ ଏମ୍‌ଆର୍‌ଆଇ ସ୍କାନ୍ ବ୍ୟବସ୍ଥା ରହିଛି। ଏମ୍‌କେସିଜି ମେଡିକାଲର ପିଏମ୍‌ଏସ୍‌ଏସ୍‌ୱାଇ କୋଠାରେ ଥିବା ମେଶିନରେ ଦୈନିକ ୧୦ଜଣ ରୋଗୀଙ୍କ ସ୍କାନ୍ କରାଯିବ। ଯେଉଁମାନେ ଗୁରୁତର ଥିବେ ସେମାନଙ୍କୁ ଅଗ୍ରାଧିକାର ଦିଆଯିବ। ଏହା ବ୍ୟତୀତ ଅନ୍ୟ କୌଣସି ରୋଗୀ ଆସିଲେ ତାଙ୍କୁ ନିଦାନକୁ ପଠାଯିବ। କିନ୍ତୁ ଏଥିପାଇଁ ବିଭାଗୀୟ ପ୍ରଫେସର୍ କିମ୍ବା ଆସୋସିଏଟ୍ ପ୍ରଫେସରଙ୍କ ଅନୁମତି ଜରୁରୀ ବୋଲି କୁହାଯାଇଛି। ଯେଉଁ ରୋଗୀଙ୍କୁ ବାହାରକୁ ପଠାଯିବ ସେମାନଙ୍କ ସମ୍ପର୍କରେ ସମସ୍ତ ସୂଚନା ପୂର୍ବରୁ ନିଦାନକୁ ଦିଆଯିବ। ଫଳରେ ନିଦାନ ଠିକ୍ ସମୟରେ ରୋଗୀଙ୍କ ପରୀକ୍ଷା କରିପାରିବ ବୋଲି କୁହାଯାଇଛି। ସମସ୍ତ ରିପୋର୍ଟ ନିଦାନ ଡାଇଗ୍ନୋଷ୍ଟିକ୍ ସେଣ୍ଟରରେ ପ୍ରଦାନ କରାଯିବ। ଆସନ୍ତା ୨୦୨୩ ଏପ୍ରିଲ୍ ୩୦ତାରିଖ ପର୍ଯ୍ୟନ୍ତ ନିଦାନ ସହିତ ଏହି ଚୁକ୍ତି କରାଯାଇଥିବା ଅଧ୍ୟକ୍ଷ ପ୍ରଫେସର ମିଶ୍ର କହିଛନ୍ତି।

# ପରିବେଶ ବିଜ୍ଞାନ ବିଭାଗ ପକ୍ଷରୁ ପ୍ରଥମ ବାର୍ଡ ୱାର୍କ




ବାର୍ଡ଼ ୱାର୍କ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଓ ଅନ୍ୟମାନେ ।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର ଅଫିସ,୧୨।୧୧

ପରିବେଶବିତ୍ ତଥା ପକ୍ଷୀ ବିଜ୍ଞାନୀ ଡ.ସଲିମ ଅଲିଙ୍କ ୧୨୬ ତମ ଜନ୍ମ ଦିବସ ଅବସରରେ ଶନିବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିବେଶ ବିଜ୍ଞାନ ବିଭାଗ ପକ୍ଷରୁ ପ୍ରଥମ ବାର୍ଡ ୱାର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରେଜିଷ୍ଟ୍ରାର ପ୍ରସନ୍ନ କୁମାର ସ୍ୱାଇଁ ଓ ସ୍ନାତକୋତ୍ତର ବିଭାଗ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ ପରିବେଶ ବିଜ୍ଞାନ ବିଭାଗ ସ୍ନାତକୋତ୍ତର ଓ ଗବେଷଣା ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ପକ୍ଷୀ ଚିହ୍ନଟ ଓ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ କ୍ୟାମ୍ପସ ପରିସରରେ ୪ଘଣ୍ଟାରେ ୪୦ଟି ପ୍ରକାର ପକ୍ଷୀ ଚିହ୍ନଟ କରିଥିଲେ। ଚିହ୍ନଟ ପକ୍ଷୀମାନଙ୍କ ମଧ୍ୟରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୧୩୪୨, ରାଜ୍ୟର ୫୨୫ ଓ ସ୍ଥାନୀୟ ୧୦୦ ପକ୍ଷୀ ଅଛନ୍ତି। ସେହିପରି ଛାତ୍ରୀଛାତ୍ର ଓ ଗବେଷକଙ୍କ ଦ୍ୱାରା ଏକ ପକ୍ଷୀ ପ୍ରଦର୍ଶନ ମେଳା ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ପରିବେଶ ସନ୍ତୁଳନ ରକ୍ଷା ଓ ସୌନ୍ଦର୍ଯ୍ୟ ବୃଦ୍ଧିରେ ପକ୍ଷୀଙ୍କ ଭୂମିକା ସମ୍ପର୍କରେ କହିଥିଲେ। ଏଥିରେ କ୍ୟାମ୍ପସ ପରିସରରେ ଚିହ୍ନଟ ହୋଇଥିବା ପକ୍ଷୀଙ୍କ ଫଟୋ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଭାଗୀୟ ମୁଖ୍ୟ ଡ.ରଞ୍ଜନ ପୃଷ୍ଟି ପରିଚାଳନା କରିଥିଲେ। ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବଙ୍ଗ ମନ୍ତ୍ରୀ ଅଖିଳଙ୍କୁ ବହିଷ୍କାର ଦାବି କଲା ଭାଜପା

### ବ୍ରହ୍ମପୁରରେ ପ୍ରତିକ୍ରିୟା, ଥାନାରେ ଏତଲା

ବ୍ରହ୍ମପୁର ଅଫିସ,୧୨।୧୧

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ତାଚ୍ଛଲ୍ୟ କରି ଅଶାଳୀନ ଟିପ୍ପଣୀ ଦେଇଥିବା ପଶ୍ଚିମବଙ୍ଗ ଜେଲ ବିଭାଗ ମନ୍ତ୍ରୀ ଅଖିଳ ଗିରିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି ବ୍ରହ୍ମପୁର ଭାଜପା। କେବଳ ସେତିକି ନୁହେଁ ମନ୍ତ୍ରୀଙ୍କ ଏହା ଧର୍ତ୍ତବ୍ୟ ଅପରାଧ ହୋଇଥିବା ଅଭିଯୋଗ କରି ବଡ଼ ବଜାର ଥାନାରେ ମାମଲା ରୁଜୁ କରାଯାଇଛି। ଭାଜପା ମହିଳା କର୍ମୀଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପ୍ରସଙ୍ଗ ନେଇ ଭାଜପା ଆନ୍ଦୋଳନ ଚଳାଇବାକୁ ଚେତାବନୀ ଦେଇଛି।

ଥାନାରେ ଏତଲା ଦିଆଯିବା ବେଳେ ବହୁ ସଂଖ୍ୟକ କର୍ମୀ ସାମିଲ ହୋଇଥିଲେ। ରତ୍ନଗର୍ଭା ସରସ୍ୱତୀ ଦେବୀ ନେତୃତ୍ୱ ନେଇଥିଲେ। କର୍ପୋରେଟର ସବିତା ସାହୁ, ରଞ୍ଜିତା ବେହେରା, ବନିତା ସାହୁ, ପ୍ରଦୀପ ଶତପଥୀ, ନୀଳକଣ୍ଠ ସାହୁ, ମହିଳା ମୋର୍ଚ୍ଚାର ବର୍ଷା ବିଦ୍ୟୁସ୍ମିତାଙ୍କ ସମେତ ଅନ୍ୟମାନେ ଥିଲେ। ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ଉପସଭାପତି ରାମ କୁମାର ପାତ୍ର, ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ, ସୁନୀଲ ସାହୁ, ସରୋଜ ପାତ୍ର, ବିନାୟକ ରଥ ଓ କିରଣ କୁମାର ସାହୁଙ୍କ ସମେତ ସଂଗଠନର କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଗିରିଙ୍କୁ ମନ୍ତ୍ରୀ ପଦରୁ ତୁରନ୍ତ ବହିଷ୍କାର କରିବାକୁ ଭାଜପା ଦାବି କରିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ରେଶମା



@ ଶ୍ରୀକାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିଷ୍ଟ ପକ୍ଷରୁ ୪ଦିନିଆ ଓରିଏଣ୍ଟେଶନ କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୧୨।୧୧

ନିଷ୍ଟ ଇନ୍‌ଷ୍ଟିଚ୍ୟୁଟ ଅଫ ସାଇନ୍ସ ଏଣ୍ଡ ଟେକ୍ନୋଲୋଜି ମହାବିଦ୍ୟାଳୟ ପରିସରରେ ଶନିବାର ନୂତନ ଛାତ୍ରୀଛାତ୍ରଙ୍କ ପାଇଁ ୪ ଦିନିଆ ଓରିଏନ୍‌ଟେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡ. ସୁକାନ୍ତ କିଶୋର ମହାପାତ୍ର ଭିଡିଓ କନ୍‌ଫରେନ୍ସରେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଡ.ପ୍ରିୟଦର୍ଶୀ ତ୍ରିପାଠୀ ଓ ବିଜ୍ଞାନ ବିଭାଗ ସଂଯୋଜକ ପ୍ରଫେସର ରାଜ ବଲିୟାର ସିଂ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଉଚ୍ଚ କୋଟୀର ଶିକ୍ଷା ସହ ମୂଲ୍ୟବୋଧ ଓ ନିଜ ଭବିଷ୍ୟ ଗଠନ ଉପରେ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରିସ୍ଥିତିକୁ ସମ୍ମୁଖୀନ କରିବା ସହ ଯୁବପୋଯୋଗୀ ଶିକ୍ଷା ଦାନର ଢାଞ୍ଚା ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇ ପାରିଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ଯାହାର ଫଳ ସ୍ୱରୂପ ବହୁ ଛାତ୍ରୀଛାତ୍ର ଦେଶ ଓ ବିଦେଶରେ ବିଭିନ୍ନ ମର୍ଯ୍ୟାଦା ଜନକ ପଦବୀରେ ଅବସ୍ଥାପିତ ହୋଇଥିବା ଅଧ୍ୟକ୍ଷ କହିଥିଲେ। ପରୀକ୍ଷା କେନ୍ଦ୍ର ମୁଖ୍ୟ ପରିଚାଳକ ପ୍ରଫେସର ସୁମନ୍ତ ପଟ୍ଟନାୟକ ପରୀକ୍ଷା ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନା କରିଥିଲେ। ସେହିପରି ହଷ୍ଟେଲ ସୁପରଣ୍ଟେଣ୍ଡେଣ୍ଟ ଡ.ସସ୍ମିତା ପାଢୀ ହଷ୍ଟେଲ ସମ୍ବନ୍ଧୀୟ ବିଭିନ୍ନ ବିବରଣୀ ଉଲ୍ଲେଖ କରି ସମସ୍ତ ସୁବିଧା ଓ ବ୍ୟବସ୍ଥା ସମ୍ପର୍କରେ କହିଥିଲେ। ମହାବିଦ୍ୟାଳୟ ନିଯୁକ୍ତି ଓ ଦକ୍ଷତା ମୁଖ୍ୟ ଡ.ଭାନୁ ପ୍ରସାଦ ବେହେରା ନିଯୁକ୍ତି ଦକ୍ଷତା ଉପରେ ବିବରଣୀ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମକୁ ଡ.ଆକାଂକ୍ଷା ପଟ୍ଟନାୟକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସୀମାଞ୍ଚଳ ପାଣିଗ୍ରାହୀ, ଡ.ଭାସ୍କର ଭୋଳ, ଡ.ଦୁର୍ଯ୍ୟୋଧନ ସାହୁ, ଡ.ଆଶିଷ କୁମାର ମହାପାତ୍ର, ଡ.ରଞ୍ଜନ କୁମାର ପାଢୀ ଓ ଡ.ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ସବ୍ ଜୁନିୟର କରାଟେ ପ୍ରତିଯୋଗିତା




ସ୍ୱର୍ଣ୍ଣପଦକ ବିଜୟୀ ଶ୍ରୀଜିସ୍ ।

### ଶ୍ରୀଜିସ୍ ମହାପାତ୍ରଙ୍କୁ ୨ ପଦକ

ବ୍ରହ୍ମପୁର ଅଫିସ,୧୨।୧୧

ରାଜ୍ୟସ୍ତରୀୟ ୧୩ ବର୍ଷରୁ କମ ସବଜୁନିୟର କରାଟେ ପ୍ରତିଯୋଗିତା ୧୨ ଓ ୧୩ ଦୁଇ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେଉଛି। ଏଥିରେ ଜିଲାର ଏକମାତ୍ର ପ୍ରତିଯୋଗୀ ଭାବେ ବ୍ରହ୍ମପୁର ଉତ୍କଳ କରାଟେ ସ୍କୁଲର ୭ ବର୍ଷୀୟ ଶ୍ରୀଜିସ୍ ମହାପାତ୍ର ଅଂଶଗ୍ରହଣ କରିଥିଲେ। ଶ୍ରୀଜିସ ୭ ବର୍ଷରୁ କମ ବାଳକ ବର୍ଗ ଫାଇଟରେ ସ୍ୱର୍ଣ୍ଣ ଓ ଗୋଲ୍ଡରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ବ୍ରହ୍ମପୁର ଉତ୍କଳ କରାଟେ ସ୍କୁଲରେ କୋଚ ସେନସୁଇ ଦେବବ୍ରତ ସମାଦ୍ଦାରଙ୍କଠାରୁ କରାଟେ ତାଲିମ ଗ୍ରହଣ କରୁଛନ୍ତି।

## ନିମୋନିଆ ଦିବସ ପାଳିତ

ବ୍ରହ୍ମପୁର ଅଫିସ,୧୨।୧୧

ଆମ୍ବପୁଆ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜଳେଶ୍ୱର ଖଣ୍ଡି ଗ୍ରାମରେ ଶନିବାର ବିଶ୍ୱ ନିମୋନିଆ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ନିମୋନିଆକୁ କଲେ ଦମନ ସୁଖମୟ ହେବ ଶିଶୁ ଜୀବନ ବୋଲି ସ୍ୱାସ୍ଥ୍ୟ କର୍ମୀମାନେ ପରାମର୍ଶ ଦେଇଥିଲେ। ୫ ବର୍ଷରୁ କମ ବୟସର ଶିଶୁ ମୃତ୍ୟୁରେ ନିମୋନିଆ ମୁଖ୍ୟ କାରଣ। ଏହାର ଲକ୍ଷଣ ଦେଖା ଦେଲେ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଯୋଗାଯୋଗ କରି ପିସିଭି ଟିକା ଦେବା ପାଇଁ ପରାମର୍ଶ ଦେଇଥିଲେ। ପଦଯାତ୍ରାରେ ମହିଳା ସ୍ୱାସ୍ଥ୍ୟକର୍ମୀ ଅମ୍ବିକା ପାତ୍ର, ଗେହ୍ଲି ଦେବୀ ଓ ମିଲି ନାୟକଙ୍କ ସମେତ ମହିଳା ଆରୋଗ୍ୟ ସମିତିର ସଦସ୍ୟାମାନେ ଉପସ୍ଥିତ ଥିଲେ।

## ପୋଲିସ-ଅବକାରୀ ଚଢ଼ାଉ, ୩ ଗିରଫ

ଆର.ଉଦୟଗିରି, ୧୨।୧୧ (ଡି.ଏନ.ଏ.)

ଗଜପତି ଜିଲା ଆର୍.ଉଦୟଗିରି ଅବକାରୀ ବିଭାଗ ଓ ଚନ୍ଦ୍ରଗିରି ଫାଣ୍ଡି ଟିମ୍ ମିଳିତ ଭାବେ ଚନ୍ଦ୍ରଗିରି ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରି ୮ ଲିଟର ରନ୍ଧା ମଦ ସହ ଜଣଙ୍କୁ ଗିରଫ କରିଛି। ସେହିପରି ଅନ୍ୟଏକ ସ୍ଥାନରୁ ଅବକାରୀ ବିଭାଗ ପକ୍ଷରୁ ୬୫ ଲିଟର ରନ୍ଧା ମଦସହ ୨ ଜଣଙ୍କୁ ଗିରଫ କରାଯାଇଛି। ଏହାସହ ବିପୁଳ ପରିମାଣର ପୋଚ ଓ ରନ୍ଧା ସାମଗ୍ରୀ ନଷ୍ଟ କରାଯାଇଥିବା ସୂଚନା ମିଳିଛି।

## ରାସ୍ତା କଡ ପରିବା ବ୍ୟବସାୟୀଙ୍କୁ ଏନ୍‌ଫୋର୍ସମେଣ୍ଟର ଉଚ୍ଛେଦ



ଉଚ୍ଛେଦ ସମୟରେ ଏନ୍‌ଫୋର୍ସମେଣ୍ଟ୍ ଅଧିକାରୀ ଓ ଅନ୍ୟମାନେ ।

ବ୍ରହ୍ମପୁର ଅଫିସ,୧୨।୧୧

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଏନ୍‌ଫୋର୍ସମେଣ୍ଟ୍ ପକ୍ଷରୁ ଶନିବାର ସହରର ମୁଖ୍ୟ ରାସ୍ତା କଡରେ ବ୍ୟବସାୟ କରୁଥିବା ପରିବା ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଛି। ଏମାନଙ୍କ ଯୋଗୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ଉପୁଜୁଛି। ଯାହାକୁ ନେଇ ଏନ୍‌ଫୋର୍ସମେଣ୍ଟ୍ ପକ୍ଷରୁ ବାରମ୍ବାର ତାଗିଦ ମଧ୍ୟ କରାଯାଉଥିଲା। କିନ୍ତୁ ବ୍ୟବସାୟୀମାନେ ମନମୁଖୀ ଭାବେ ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରୁଥିବା ଦେଖିବାକୁ ମିଳିଥିଲା। ଶନିବାର ଏନ୍‌ଫୋର୍ସମେଣ୍ଟ୍ ପକ୍ଷରୁ ବଡ ଡାକ୍ତରଖାନାଠାରୁ ଆରମ୍ଭ କରି ମର୍ଦ୍ଦରାଜ ଭେଣ୍ଡିଂ ଜୋନ ଓ ଗେଟ ବଜାରଠାରେ ମଧ୍ୟ ଉଠା ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଥିବା ଏନ୍‌ଫୋର୍ସମେଣ୍ଟ୍ ଅଧିକାରୀ ତରୁଣକାନ୍ତ ସୂଚନା ଦେଇଛନ୍ତି।

# କୌଶଳ ବିକାଶ ପ୍ରତିଷ୍ଠାନ ଟିଏସ୍‌ଏସ୍‌ଡିଆଇ ଉଦ୍‌ଘାଟିତ

### ଟିପିଏସ୍‌ଓଡିଏଲ୍‌ର ସୁରକ୍ଷା

ବ୍ରହ୍ମପୁର ଅଫିସ,୧୨।୧୧

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ୧୫ଟି ଟିପିଏସ୍‌ଓଡିଏଲ୍ ସେଫ୍ଟି ଆଣ୍ଡ୍ ସ୍କିଲ୍ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ବା ସୁରକ୍ଷା ଓ କୌଶଳ ବିକାଶ ପ୍ରତିଷ୍ଠାନ (ଟିଏସ୍‌ଏସ୍‌ଡିଆଇ) ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବ୍ରହ୍ମପୁରରେ ବିଦ୍ୟୁତ୍‌ପୁରୀ କଲୋନୀ(ସିଟି ସର୍କଲ), ଛତ୍ରପୁର ଗଞ୍ଜାମ ଉତ୍ତର ବିଦ୍ୟୁତ୍ ଡିଭିଜନ, ରେଗିଡିଷ୍ଟ୍ରିଟ(ହିଞ୍ଜିଳି ବିଦ୍ୟୁତ୍ ଡିଭିଜନ), ତାରାତାରିଣୀ ସେକ୍ସନ (ପୁରୁଷୋତ୍ତମପୁର ବିଦ୍ୟୁତ୍ ଡିଭିଜନ), ମଦନମୋହନପୁର(ଗଞ୍ଜାମ ଦକ୍ଷିଣ ବିଦ୍ୟୁତ୍ ଡିଭିଜନ), ଲଣ୍ଡେଇସାହି (ଭଞ୍ଜନଗର ବିଦ୍ୟୁତ୍ ଡିଭିଜନ), ଏଫ୍‌ସିଆଇ ଛକ (ଫୁଲବାଣୀ ବିଦ୍ୟୁତ୍ ଡିଭିଜନ), ମାଷ୍ଟର ଲାଇନ (ବୌଦ୍ଧ ବିଦ୍ୟୁତ୍ ଡିଭିଜନ), ବିଦ୍ୟୁତପୁରୀ କଲୋନୀ ସେରିଗୁଡ଼ା (ପାରଳାଖେମୁଣ୍ଡି ବିଦ୍ୟୁତ୍ ଡିଭିଜନ), ପାୱାର ହାଉସ ଛକ (ଜୟପୁର ବିଦ୍ୟୁତ୍ ଡିଭିଜନ), ସୁନାବେଡ଼ା ସହର (କୋରାପୁଟ ବିଦ୍ୟୁତ୍ ଡିଭିଜନ), ଲାଇନ୍‌ମ୍ୟାନ ଷ୍ଟ୍ରିଟ(ମାଲକାନଗିରି ବିଦ୍ୟୁତ୍ ଡିଭିଜନ), ଚମାରିଆଗୁଡ଼ା (ନବରଙ୍ଗପୁର ବିଦ୍ୟୁତ୍ ଡିଭିଜନ)ଠାରେ ଏହି ପ୍ରତିଷ୍ଠାନଗୁଡ଼ିକୁ ସ୍ଥାପନ କରାଯାଇଛି। ଟିପିଏସ୍‌ଓଡିଏଲ ସିଇଓ ଅରବିନ୍ଦ ସିଂ ଉକ୍ତ ସମସ୍ତ ଟିଏସ୍‌ଏସ୍‌ଡିଆଇଗୁଡିକୁ ଉଦ୍‌ଘାଟନ କରିଥିଲେ। ଯେଉଁଥିରେ ସୁରକ୍ଷା ଓ କୌଶଳ ବିକାଶ ମଡେଲ ଉପରେ ବାସ୍ତବ ସମୟ ପ୍ରତ୍ୟକ୍ଷ ପ୍ରଦର୍ଶନ ସହିତ ଉନ୍ନତ ଶ୍ରେଣୀଗୃହ ପ୍ରଶିକ୍ଷଣ ଲାଗି ବ୍ୟବସ୍ଥା ରହିଛି। ଏହି ଇନ୍-ହାଉସ୍ (କମ୍ପାନୀର ନିଜସ୍ୱ) କୌଶଳ ବିକାଶ କେନ୍ଦ୍ର ଉଭୟ ଟିପିଏସ୍‌ଓଡିଏଲ ଓ ଏହାର ବ୍ୟବସାୟୀ ସହଯୋଗୀଙ୍କ ଶ୍ରମଶକ୍ତି ଏବଂ ବୈଷୟିକ କର୍ମଚାରୀଙ୍କୁ ଏକ ଶ୍ରେଷ୍ଠ ମଞ୍ଚ ପ୍ରଦାନ କରିବ। ଉକ୍ତ ସମସ୍ତ ୧୫ ଉତ୍ସର୍ଗୀକୃତ ସୁରକ୍ଷା ଓ କୌଶଳ ବିକାଶ ପ୍ରତିଷ୍ଠାନରେ ପ୍ରଭାବୀ ପ୍ରଶିକ୍ଷଣ ପାଇଁ ରହିଛନ୍ତି ସାର୍ଟିଫାଏଡ୍ ଉତ୍ସର୍ଗୀକୃତ ପ୍ରଶିକ୍ଷଣ ପ୍ରଦାନକାରୀ ଏବଂ ଟିପିଏସ୍‌ଓଡିଏଲର ବିଭିନ୍ନ ପରିଚାଳନା ବିଭାଗର ଅଭିଜ୍ଞ ପ୍ରଦର୍ଶନକାରୀ। ଟିପିଏସ୍‌ଓଡିଏଲ ସିଇଓ କହିଛନ୍ତି, ସୁରକ୍ଷା ହେଉଛି ଟିପିଏସ୍‌ଓଡିଏଲ ମୂଳ ମୂଲ୍ୟବୋଧ। ଏହାର କର୍ମଚାରୀଙ୍କ ସମେତ ଜନସାଧାରଣଙ୍କ ଜୀବନକୁ ଗୁରୁତ୍ୱ ଦେଉଛି। ଟିପିଏସ୍‌ଓଡିଏଲ ଦୁର୍ଘଟଣା ଓ ଆଘାତରୁ ମୁକ୍ତ ରଖିବା ସହ ଶୂନ ଦୁର୍ଘଟଣା ଲକ୍ଷ୍ୟକୁ ହାସଲ କରିବା ଲାଗି ଏହି ପ୍ରତିଷ୍ଠାନ ସ୍ଥାପନ କରାଯାଇଛି।



ଟିପିଏସ୍‌ଓଡିଏଲ ସିଇଓଙ୍କ ଦ୍ୱାରା ଟିଏସ୍‌ଏସ୍‌ଡିଆଇ ଉଦ୍‌ଘାଟନ।

